# NATIONAL NEWS BULLETIN (ODIA)
## 10th May - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜିଠାରୁ ଓଡିଶାରେ ଆରମ୍ଭ କରିବେ ଦୁଇ ଦିନିଆ ନିର୍ବାଚନ ପ୍ରଚାର ।
- ସମ୍ବିଧାନ ବଦଳାଇବା ଆରୋପକୁ ଖଣ୍ଡନ କଲେ ବି.ଜେ.ପି.ର ବରିଷ୍ଠ ନେତା ରାଜନାଥ ସିଂହ ।
- କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ମତଦାନ ତଥ୍ୟ ପ୍ରକାଶ ଅବ୍ୟବସ୍ଥା ଅଭିଯୋଗକୁ ନିର୍ବାଚନ ଆୟୋଗଙ୍କ ଖଣ୍ଡନ ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କୁ ୨୧ ଦିନ ପାଇଁ ଜାମିନ୍ ପ୍ରଦାନ କଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଓଡ଼ିଶା

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦି ଆଜିଠାରୁ ଓଡିଶାରେ ଦୁଇ ଦିନିଆ ନିର୍ବାଚନ ପ୍ରଚାର ଆରମ୍ଭ କରିବେ । ଆଉ କିଛି ସମୟ ପରେ ଶ୍ରୀ ମୋଦି ଭୁବନେଶ୍ୱରରେ ପ୍ରାୟ ଅଢ଼େଇ କିଲୋମିଟର ର ଏକ ଭବ୍ୟ ରୋଡ୍ ସୋ' କରିବାର କାର୍ଯ୍ୟସୂଚୀ ରହିଛି। ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ବାଣୀବିହାର ପର୍ଯ୍ୟନ୍ତ ଶ୍ରୀ ମୋଦିଙ୍କ ରୋଡ୍ ସୋ' ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆସନ୍ତାକାଲି କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀରେ ୩ଟି ସମାବେଶକୁ ଶ୍ରୀ ମୋଦି ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ରାଜନାଥ - ଓଡ଼ିଶା ଭିଜିଟ୍

ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଆଜି ଅପରାହ୍ଣରେ ନୟାଗଡ଼ ଜିଲ୍ଲା ରଣପୁରଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଶ୍ରୀ ସିଂହ କହିଛନ୍ତି, ସମ୍ବିଧାନକୁ ବଦଳାଇବାପାଇଁ ଯେଉଁ ଆରୋପ ତାଙ୍କ ଦଳ ଉପରେ ଲଗାଯାଉଛି, ତାହା ଭିତ୍ତିହୀନ । ସମ୍ବିଧାନ ବଦଳାଇବାର ସାହସ କାହାର ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । କଂଗ୍ରେସକୁ ସମାଲୋଚନା କରି କହିଛନ୍ତି, କଂଗ୍ରେସ ଶାସନ ସମୟରେ ସମ୍ବିଧାନର ଦୁରୁପଯୋଗ ହୋଇଛି ।

## ଅମିତ୍ ଶାହା - ୱେଷ୍ଟ ବେଙ୍ଗଲ୍ ମିଟିଂ

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଅଭିଯୋଗ କରିଛନ୍ତି, ତୃଣମୂଳ କଂଗ୍ରେସ ଭୋଟ୍ ବ୍ୟାଙ୍କ ପାଇଁ ବାଂଲାଦେଶର ଅନୁପ୍ରବେଶକାରୀଙ୍କୁ ସମର୍ଥନ କରୁଛି। ନାଗରିକତା ସଂଶୋଧନ ଆଇନ ନାମରେ ଟିଏମସି ମୁଖ୍ୟ ମମତା ବାନାର୍ଜୀ ସାଧାରଣ ଲୋକଙ୍କୁ ଉତ୍ତେଜିତ କରୁଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ଶାହା ଦଳର ଲୋକସଭା ପ୍ରାର୍ଥୀ ଜଗନ୍ନାଥ ସରକାରଙ୍କ ସମର୍ଥନରେ ରାଣାଘାଟରେ ଏକ ସାଧାରଣ ସଭାକୁ

ସମ୍ବୋଧିତ କରି ସନ୍ଦେଶଖାଲି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯିବ ବୋଲି କହିଛନ୍ତି। କଂଗ୍ରେସ ଓ ତୃଣମୂଳ ଉଭୟ ଦୁର୍ନୀତିଗ୍ରସ୍ତ ବୋଲି ସେ କହିଛନ୍ତି । ପଶ୍ଚିମବଙ୍ଗର ଶାସକ ଦଳ ଅଧୀନରେ ରାଜ୍ୟ ନିଯୁକ୍ତି ସେବା, ପୌର ନିଯୁକ୍ତି, ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସେ ତୃଣମୂଳକୁ ପ୍ରତ୍ୟାଖ୍ୟାନ କରି ବିକାଶ ପାଇଁ ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି।

## ଇ.ସି. - ଖଡ୍‌ଗେ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମତଦାନ ତଥ୍ୟ ପ୍ରକାଶରେ ଅବ୍ୟବସ୍ଥା ଓ ବିଳମ୍ବ ନେଇ ଉଠାଇଥିବା ଅଭିଯୋଗକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ କମିଶନ କହିଛନ୍ତି, ଏହି ଅନାବଶ୍ୟକ ଅଭିଯୋଗ ତଥ୍ୟ ବିହୀନ ଏବଂ ପକ୍ଷପାତିତାପୂର୍ଣ୍ଣ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ସୂଚନାଯୋଗ୍ୟ, ଶ୍ରୀ ଖଡ୍ଗେ କମିଶନଙ୍କ ଦ୍ୱାରା ପ୍ରକାଶିତ ମତଦାନ ତଥ୍ୟରେ ଅସଙ୍ଗତି ଏବଂ ପଞ୍ଜିକୃତ ଭୋଟରଙ୍କ ତାଲିକା ସାମାଜିକ ଗଣମାଧ୍ୟମରେ ପ୍ରକାଶ ନ କରାଯିବା ସମ୍ପର୍କରେ ଅଭିଯୋଗ କରିଥିଲେ। ନିର୍ବାଚନ କମିଶନ୍’ର କର୍ମଚାରୀ ଓ ବ୍ୟବସ୍ଥାର ବିଶ୍ୱସନୀୟତାକୁ ଆକ୍ରମଣ କରିବାକୁ ଏକ ଜାତୀୟ ରାଜନୈତିକ ଦଳର ଦାୟିତ୍ୱହୀନ

ବୟାନଦ୍ୱାରା ଉଦ୍ୟମ କରାଯାଉଥିବା ଚିନ୍ତାଜନକ ବୋଲି ନିର୍ବାଚନ କମିଶନ କହିଛନ୍ତି। ଆୟୋଗ ଶ୍ରୀ ଖାର୍ଗେଙ୍କୁ ସତର୍କତା ଅବଲମ୍ବନ କରିବା ସହ ଏଭଳି ବୟାନ ଦେବାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି।

## ଏନ୍.ସି.ଡବ୍ଲ୍ୟୁ. - ଇ.ସି. ଲେଟର୍

ଟିଏମସି କର୍ମୀଙ୍କ ଧମକ ଯୋଗୁଁ ସନ୍ଦେଶଖାଲିର ମହିଳାମାନେ ଯେପରି ସେମାନଙ୍କ ଅଭିଯୋଗ ପ୍ରତ୍ୟାହାର ନ କରିବେ, ତାହା ସୁନିଶ୍ଚିତ କରିବାକୁ ଜାତୀୟ ମହିଳା ଆୟୋଗ - ଏନସିଡବ୍ଲ୍ୟୁ  ଆଜି ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ଆୟୋଗକୁ ଲେଖିଥିବା ଚିଠିରେ ଏନସିଡବ୍ଲ୍ୟୁ କହିଛି, ୨୦୨୪ ସାଧାରଣ ନିର୍ବାଚନ ଚାଲିଥିବାବେଳେ ସନ୍ଦେଶଖାଲିର ମହିଳାମାନଙ୍କୁ ପ୍ରଭାବିତ କରାଯାଉଛି, ଧମକ ଦିଆଯାଉଛି ଏବଂ ଅଭିଯୋଗ ପ୍ରତ୍ୟାହାର କରିବାକୁ ସେମାନଙ୍କ ଉପରେ ଚାପ ପକାଯାଉଛି। ଏହାଦ୍ୱାରା ସେହି ଅଞ୍ଚଳରେ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ପ୍ରଭାବିତ ହେବାର ସମ୍ଭାବନା ରହିଥିବା ଯୋଗୁଁ ଏନସିଡବ୍ଲ୍ୟୁ ନିର୍ବାଚନ କମିଶନଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି ।

ଏନସିଡବ୍ଲ୍ୟୁ ଆହୁରି ମଧ୍ୟ କହିଛି, ମାମଲାର ସତ୍ୟତା ଯାଞ୍ଚ କରିବା ପାଇଁ ଗଠିତ କମିଟି ସନ୍ଦେଶଖାଲିର ଅନେକ ମହିଳାଙ୍କୁ ଭେଟିଥିଲେ । ଏହି

ମାମଲାର ମୁଖ୍ୟ ଅଭିଯୁକ୍ତ ଟିଏମସିର ଶେଖ ଶାହାଜାହାନଙ୍କ ସହଯୋଗୀମାନେ ସେମାନଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ସେହି ମହିଳାମାନେ କହିଥିଲେ । ଏନେଇ ସନ୍ଦେଶଖାଲିର ମହିଳାମାନେ ଲିଖିତ ଭାବେ ଅନେକ ଅଭିଯୋଗ ମଧ୍ୟ କରିଛନ୍ତି।

## ଏସ୍.ସି. - କେଜରିୱାଲ୍

ମଦ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟ ୨୧ ଦିନ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଜି ସନ୍ଧ୍ୟାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଜେଲ୍‌ରୁ ବାହାରିଛନ୍ତି । ୭ଟି ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଶେଷ ହେବାର ଗୋଟିଏ ଦିନ ପରେ ଜୁନ୍ ୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆପ୍ ମୁଖ୍ୟଙ୍କୁ ଆତ୍ମସମର୍ପଣ କରିବାକୁ କହିଛନ୍ତି। ଚଳିତ ଲୋକସଭା ନିର୍ବାଚନ ଅବସରରେ ପ୍ରଚାର କରିବା ଲାଗି ଶ୍ରୀ କେଜ୍ରିୱାଲ ଜେଲରୁ ମୁକ୍ତି ମାଗିଥିଲେ। ଅନ୍ୟପକ୍ଷରେ କେଜରିୱାଲ୍‌ଙ୍କୁ ଗିରଫ କରିବାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବିଳମ୍ବକୁ ଦର୍ଶାଇ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଅଗଷ୍ଟ ୨୦୨୨ରେ କେଜ୍ରିୱାଲଙ୍କ ବିରୋଧରେ ଏନଫୋର୍ସମେଣ୍ଟ କେସ୍ ଇନଫରମେସନ ରିପୋର୍ଟ

ରୁଜୁ କରିଥିଲା; କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ୨୧ରେ ତାଙ୍କୁ ଗିରଫ କରାଯାଇଥିଲା ।

ସୂଚନାଯୋଗ୍ୟ, ଜାମିନ ସର୍ତ୍ତ ଅନୁଯାୟୀ କେଜ୍ରିଓ୍ୱାଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଦିଲ୍ଲୀ ସଚିବାଳୟକୁ ଯିବେ ନାହିଁ। ଉପରାଜ୍ୟପାଳଙ୍କ ମଞ୍ଜୁରୀ କିମ୍ବା ଅନୁମୋଦନ ପାଇବା ପାଇଁ ଆବଶ୍ୟକ ଓ ଜରୁରୀ ନ ଥିଲେ ସେ ସରକାରୀ ଫାଇଲରେ ଦସ୍ତଖତ କରିବେ ନାହିଁ। ଶ୍ରୀ କେଜ୍ରିଓ୍ୱାଲ ବର୍ତ୍ତମାନ ମାମଲାରେ ତାଙ୍କର ଭୂମିକା ସମ୍ପର୍କରେ କୌଣସି ମନ୍ତବ୍ୟ ଦେବେ ନାହିଁ ଏବଂ କୌଣସି ସାକ୍ଷୀଙ୍କ ସହ କଥାବାର୍ତ୍ତା କରିବେ ନାହିଁ ଏବଂ ମାମଲା ସହିତ ଜଡିତ କୌଣସି ସରକାରୀ ଫାଇଲ୍ ଯାଞ୍ଚ୍ କରିବେ ନାହିଁ।

## କେଜରିଓ୍ୱାଲ୍ - ଆପ୍ ରିଆକ୍ସନ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଅନ୍ତରୀଣ ଜାମିନ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଆମ୍ ଆଦମୀ ପାର୍ଟି ଗଣତନ୍ତ୍ର ଓ ସମ୍ବିଧାନର ବିଜୟ ବୋଲି ପ୍ରଶଂସା କରିଛି। ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ଗୋପାଳ ରାୟ କହିଛନ୍ତି, ସମ୍ବିଧାନରେ ବିଶ୍ୱାସ କରୁଥିବା ସମସ୍ତଙ୍କୁ ସୁପ୍ରିମକୋର୍ଟ ଆଶାର କିରଣ ଦେଇଛନ୍ତି। ଆପ୍ ନେତା ଆତିଶୀ କହିଛନ୍ତି, କେଜ୍ରିଓ୍ୱାଲଙ୍କୁ ଅନ୍ତରୀଣ

ଜାମିନ ଦେବା ପାଇଁ ସୁପ୍ରିମ୍ କୋର୍ଟଙ୍କ ରାୟ ପ୍ରମାଣିତ କରିଛି ଯେ ସତ୍ୟର ବିଜୟ ହୋଇଛି।

କଂଗ୍ରେସ ନେତା ପୱନ ଖେରା ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମଧ୍ୟ ନ୍ୟାୟ ମିଳିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ବିଜେପି ନେତା ମନଜିନ୍ଦର ସିଂହ ସିରସା କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ କେଜ୍ରିୱାଲ୍‌ଙ୍କୁ କେବଳ ନିର୍ବାଚନ ପାଇଁ ଜାମିନ ମିଳିଛି ଏବଂ ଆସନ୍ତା ମାସ ପହିଲା ପରେ ତାଙ୍କୁ ପୁଣି ଜେଲ୍ ଯିବାକୁ ପଡ଼ିବ।

## ଇଣ୍ଡିଆ-କ୍ୟାନ୍‌ସ ଫିଲ୍ ଫେଷ୍ଟିଭାଲ୍

ଚଳିତ ମାସ ୧୪ରୁ ୨୫ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସରେ ଆୟୋଜିତ ହେବାକୁ ଥିବା ୭୭ତମ କ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତ ଅଂଶଗ୍ରହଣ କରିବ। କର୍ପୋରେଟ୍ ଇଣ୍ଡିଆନ୍ ପ୍ରତିନିଧି ଦଳରେ ଭାରତ ସରକାର, ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ଚଳଚ୍ଚିତ୍ର ଶିଳ୍ପର ସଦସ୍ୟମାନେ ରହିଛନ୍ତି । ସେମାନେ ଭାରତର ସୃଜନଶୀଳ ଅର୍ଥନୀତିକୁ ବିଶ୍ୱର ଅଗ୍ରଣୀ ଚଳଚ୍ଚିତ୍ର ବଜାରରେ ପ୍ରଦର୍ଶିତ କରିବେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ

କୁହାଯାଇଛି, ପ୍ରଥମ ଥର ପାଇଁ କ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାରତ ପର୍ବ ଆୟୋଜନ କରାଯିବ। କ୍ୟାନ୍ସରେ ଥିବା ଭାରତ ପ୍ୟାଭିଲିୟନ ଭାରତୀୟ ଚଳଚ୍ଚିତ୍ର ସମୁଦାୟଙ୍କ ସକାସେ ବିଭିନ୍ନ କାର୍ଯ୍ୟକଳାପରେ ନିୟୋଜିତ ହେବାପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ । ଏଥିରେ ଉତ୍ପାଦନ ସହଯୋଗକୁ ପ୍ରୋତ୍ସାହିତ କରିବା, ଜ୍ଞାନ ଅଧିବେଶନ, ବିତରଣ ଚୁକ୍ତି ସ୍ୱାକ୍ଷର, ବ୍ୟବସାୟରୁ ବ୍ୟବସାୟ ବୈଠକ ଏବଂ ବିଶ୍ୱର ପ୍ରମୁଖ ମନୋରଞ୍ଜନ ଏବଂ ଗଣମାଧ୍ୟମ ସଂସ୍ଥାଙ୍କ ସହ ନେଟୱାର୍କିଂ ଅନ୍ତର୍ଭୁକ୍ତ । ଗୋଆରେ ହେବାକୁ ଥିବା ୫୫ତମ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲର ଅଫିସିଆଲ ପୋଷ୍ଟର ଓ ଟ୍ରେଲର ମଧ୍ୟ ଭାରତ ପର୍ବରେ ଉନ୍ମୋଚନ ହେବ ।

## ଡକ୍ଟର ଡଭାଲକର ମର୍ଡର କେସ୍

ପୁଣେର ଏକ ସ୍ୱତନ୍ତ୍ର ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ) ଅଦାଲତ ପ୍ରସିଦ୍ଧ ହେତୁବାଦୀ ଡକ୍ଟର ନରେନ୍ଦ୍ର ଦାଭୋଲକରଙ୍କ ହତ୍ୟା ମାମଲାରେ ସଚିନ ଆଣ୍ଡୁରେ ଏବଂ ଶରଦ କଲାସ୍କରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ୩ ଜଣଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରାଯାଇଛି।

ଅନ୍ଧବିଶ୍ୱାସ ବିରୋଧୀ କର୍ମୀ ଦାଭୋଲକରଙ୍କୁ ୨୦୧୩ ଅଗଷ୍ଟ ୨୦ ରେ ପୁଣେରେ ଗୁଳି କରି ହତ୍ୟା କରାଯାଇଥିଲା। ଅତିରିକ୍ତ ସେସନ୍ ଜଜ୍ ପିପି ଯାଦବ କହିଛନ୍ତି, ଆଣ୍ଡୁରେ ଏବଂ କାଲାସ୍କରଙ୍କ ବିରୋଧରେ ହତ୍ୟା ଓ ଷଡ଼଼ଯନ୍ତ୍ର ଅଭିଯୋଗ ପ୍ରମାଣିତ ହୋଇଛି ଏବଂ ସେମାନଙ୍କୁ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତା'ର ଚୂଡ଼ାନ୍ତ ଯୁକ୍ତିରେ କହିଥିଲା, ଅଭିଯୁକ୍ତମାନେ ଅନ୍ଧବିଶ୍ୱାସ ବିରୋଧରେ ଦାଭୋଲକରଙ୍କ ଅଭିଯାନକୁ ବିରୋଧ କରୁଥିଲେ। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୨୦୧୪ରେ ପୁଣେ ପୁଲିସଠାରୁ ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ନେଇଥିଲା।

## ଗ୍ରୀଷ୍ମ ପ୍ରବାହ

ଦେଶରେ ଆସନ୍ତା ୧୩ ତାରିଖ ସୋମବାର ଦିନ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଗ୍ରୀଷ୍ମ ପ୍ରବାହ ରହିବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ। ସେଗୁଡ଼ିକ ହେଲା ଉତ୍ତରପ୍ରଦେଶ, ତେଲେଙ୍ଗାନା,

ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଜମ୍ମୁ-କଶ୍ମୀର।

ଆଇଏମଡିର ବରିଷ୍ଠ ବୈଜ୍ଞାନିକ ଆର୍.କେ ଜେନାମଣି କହିଛନ୍ତି, ପଶ୍ଚିମ ରାଜସ୍ଥାନ ବ୍ୟତୀତ ଭାରତର କୌଣସି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ନାହିଁ। ଆସନ୍ତାକାଲିଠାରୁ ମଧ୍ୟ ପଶ୍ଚିମ ରାଜସ୍ଥାନରେ ଗ୍ରୀଷ୍ମ ପ୍ରବାହ କମିବା ନେଇ ପୂର୍ବାନୁମାନ କରାଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଟାଇଟନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୬୦ ରନରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ୨୪୨ ରନର ଟାର୍ଗେଟକୁ ପିଛା କରି ପଞ୍ଜାବ କିଙ୍ଗସ ୧୭ ଓଭରରେ ମାତ୍ର ୧୮୧ ରନ୍ ସଂଗ୍ରହ କରିପାରିଥିଲା ।

*****